بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୮ ଜୁନ୍ ୨୦୨୧ରେ ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରେ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ଯେତେବେଳେ ହ. ଅବୁ ବକ୍କର ର.ଅଙ୍କ ବିୟୋଗ ସମୟ ନିକଟତର ହେଲା ସେତେବେଳେ ହ. ଅବୁ ବକ୍କର ର.ଅ ହ. ଅବ୍‌ଦୁର୍ ରହେମାନ ବିନ୍ ଔଫ୍ ଓ ହ. ଉସମାନ୍ ର.ଅଙ୍କୁ ପୃଥକ ପୃଥକ ଭାବେ ଡ଼ାକି ହ. ଉମର୍ ର.ଅଙ୍କ ପ୍ରସଙ୍ଗରେ ପ୍ରଶ୍ନ କଲେ। ପ୍ରତ୍ୟୁତ୍ତରରେ ହ. ଅବ୍‌ଦୁର୍ ରହେମାନ୍ ବିନ୍ ଔଫ୍ ର.ଅ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହଙ୍କ ଖଲିଫା ! ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ! ହ. ଉମର୍ ର.ଅ ଆପଣଙ୍କ ପ୍ରସ୍ତାବ ଅପେକ୍ଷା ସର୍ବୋତ୍ତମ ବ୍ୟକ୍ତି ଅଟନ୍ତି । ହେଲେ ହେଁ ତାଙ୍କ ସ୍ୱଭାବରେ ଟିକିଏ କଠୋରତା ରହିଛି । ହ. ଅବୁ ବକ୍କର୍ ର.ଅ କହିଲେ ତାଙ୍କ ସ୍ୱଭାବରେ କଠୋରତା ଏଇଥି ପାଇଁ ଯେ, ସେ ମୋତେ ବିନମ୍ର ବ୍ୟକ୍ତି ବୋଲି ମନେ କରନ୍ତି । କିନ୍ତୁ ଯେତେବେଳେ ସେ ଅମୀର୍ ହେବେ ସେତେବେଳେ ତାଙ୍କର ଏହିଭଳି ଯେଉଁ ତ୍ରୁଟିଗୁଡ଼ିକ ରହିଛି ତାହାକୁ ସେ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିଦେବେ । ଏହାପରେ ହ. ଅବୁ ବକ୍କର ର.ଅ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କୁ ଡ଼ାକିଲେ ଏବଂ ତାଙ୍କୁ ହ. ଉମର୍ ର.ଅଙ୍କ ପ୍ରସଙ୍ଗରେ ପଚାରିଲେ । ହ. ଉସ୍‌ମାନ୍ ର.ଅ କହିଲେ ଯେ, ତାଙ୍କର ଅନ୍ତର୍ଦେଶ ତାଙ୍କ ବହିଃର୍ଦେଶ ଅପେକ୍ଷା ଅଧିକ ସୁନ୍ଦର ଓ ସୁବାଶିତ, ତାଙ୍କ ଭଳି ବ୍ୟକ୍ତିତ୍ୱ ଆମମାନଙ୍କ ମଧ୍ୟରେ ନାହିଁ । ହ. ଅବୁ ବକ୍କର ର.ଅଙ୍କ ରୋଗଶଯ୍ୟାର ଦିନଗୁଡ଼ିକରେ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ହ. ଅବୁ ବକ୍କର ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ହ. ଉମର୍ ର.ଅଙ୍କ କଠୋର ସ୍ୱଭାବ ଯୋଗୁଁ ନିଜ ଅଧିକାରର ପରିପ୍ରକାଶ କରି କହିଲେ ଯେ, ଯେତେବେଳେ ଆପଣ ନିଜର ପାଳନକର୍ତ୍ତାଙ୍କୁ ସାକ୍ଷାତ କରିବେ ଏବଂ ଅଲ୍ଲାଃତାଲା ଆପଣଙ୍କୁ ଆପଣଙ୍କ ପ୍ରଜାପାଳନ ସଂପର୍କରେ ଅବଶ୍ୟ ପ୍ରଶ୍ନ କରିବେ । ହ. ଅବୁ ବକ୍କର୍ ର.ଅ କହିଲେ ! କ'ଣ ତୁମେ ମୋତେ ଅଲ୍ଲାଃତାଲାଙ୍କ ଠାରୁ ଭୟଭୀତ କରାଉଛ ? ଯେତେବେଳେ ମୁଁ ନିଜର ପାଳନକର୍ତ୍ତାଙ୍କୁ ସାକ୍ଷାତ କରିବି ସେତେବେଳେ ଯଦି ସେ ମୋତେ ଏହି ପ୍ରଶ୍ନ କରନ୍ତି ତାହାହେଲେ ମୁଁ ତାଙ୍କୁ ଏହି ଉତ୍ତର ଦେବି ଯେ, ମୁଁ ତୁମ୍ଭ ଭକ୍ତମାନଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ବ୍ୟକ୍ତିଙ୍କୁ ତୁମ୍ଭ ଭକ୍ତଙ୍କ ଉପରେ ଖଲିଫା ରୂପ ମନୋନୀତ କରିଆସିଛି । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହ. ଅବୁ ବକ୍କର ର.ଅଙ୍କ ଓସିୟତ୍ ଲେଖାଇବା ସକାଶେ ହ. ଉସ୍‌ମାନ୍ ର.ଅଙ୍କୁ ଡ଼କାଇଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ ଚେତାଶୂନ୍ୟ ହୋଇପଡ଼ିଲେ । ସେହି କ୍ଷଣି ହ. ଉସ୍‌ମାନ୍ ର.ଅ ହ. ଓସିୟତ୍‌ରେ ଉମର୍ ର.ଅଙ୍କ ନାମ ଉଲ୍ଲେଖ କରିଦେଲେ । ଯେତେବେଳେ ହ. ଅବୁ ବକ୍କର୍ ର.ଅଙ୍କର ଚେତା ଫେରିଲା, ସେ ହ. ଉସ୍‌ମାନ୍ ର.ଅଙ୍କୁ ପଚାରିଲେ ହେ ଉସ୍‌ମାନ୍ ! ଓସିୟତ୍‌ରେ କ'ଣ ଲେଖିଲ ? ପ୍ରତ୍ୟୁତ୍ତରରେ ହ. ଉସ୍‌ମାନ୍ ର.ଅ କହିଲେ ମୁଁ ଓସିୟତ୍‌ରେ ଉମର୍

ର.ଅଙ୍କ ନାମ ଲେଖିଛି । ସୁତରାଂ ହ. ଅବୁ ବକ୍କର୍ ର.ଅ କହିଲେ ମୁଁ ଯାହା ଆଶା କରିଥିଲି ତୁମେ ତାହା ହିଁ ଉଲ୍ଲେଖ କରିଛ ।

ଯେତେବେଳେ ହ. ଉସ୍‌ମାନ୍ ର.ଅ ଏହି ଓସିୟତ୍ ଲେଖିଦେଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ କହିଲେ ଏହି ଓସିୟତ୍‌କୁ ଲୋକମାନଙ୍କ ସମ୍ମୁଖରେ ପଢି ଶୁଣାଇ ଦିଆଯାଉ । ହ. ଅବୁ ବକ୍କର୍ ର.ଅ ସେତେବେଳେ ଲୋକମାନଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ ମୁଁ ଯେଉଁ ବ୍ୟକ୍ତିଙ୍କୁ ତୁମମାନଙ୍କର ଖଲିଫା ରୂପେ ନିଯୁକ୍ତ କରିଛି ତୁମେ ଏଥିସଂକ୍ରାନ୍ତରେ ସହମତ ଓ ପ୍ରସନ୍ନ ଅଟ । କାରଣ ମୁଁ କୌଣସି ସଂପର୍କୀୟଙ୍କୁ ତୁମମାନଙ୍କ ଉପରେ ଖଲିଫା ରୂପେ ନିଯୁକ୍ତ କରି ନାହିଁ । ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ମୁଁ ଏ ସଂକ୍ରାନ୍ତରେ ଅନୁଶୀଳନ କରିବାରେ କୌଣସି ତ୍ରୁଟି ତଥା ହେଳା କରି ନାହିଁ । ପ୍ରତ୍ୟୁତ୍ତରରେ ଲୋକମାନେ କହିଲେ ହେ ଅମୀରୁଲ୍ ମୁମିନିନ୍ ! ଆମେମାନେ ଶୁଣିଲୁ ଏବଂ ଆଜ୍ଞା ପାଳନ କଲୁ । ପୁନଶ୍ଚ ହ. ଅବୁ ବକ୍କର୍ ର.ଅ ହ. ଉମର୍ ର.ଙ୍କୁ ଡ଼ାକିଲେ ଏବଂ ତାଙ୍କୁ କହିଲେ ଯେ, ମୁଁ ତୁମକୁ ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନଙ୍କ ଉପରେ ଖଲିଫା ରୂପେ ନିଯୁକ୍ତ କରିଛି ଏବଂ ହ. ଅବୁ ବକ୍କର ର.ଅ ହ. ଉମର୍ ର.ଅଙ୍କୁ ଅଲ୍ଲାଃତାଲାଙ୍କ ଧର୍ମପରାୟଣତା ଅବଲମ୍ବନ କରିବା ପ୍ରତି ୱସିୟତ୍ କଲେ ଏବଂ ଲୋକମାନଙ୍କ ପ୍ରତି ବିନମ୍ର ହେବା ପାଇଁ ଅନୁପ୍ରାଣିତ କଲେ ।

ହ. ଉମର୍ ର.ଅ ଖଲିଫା ହେବା ପରେ  ଯେଉଁ ପ୍ରଥମ ଉଦ୍‌ବୋଧନ ଦେଇଥିଲେ, ସେ ସଂକ୍ରାନ୍ତରେ ମଧ୍ୟ ଅନେକ ବର୍ଣ୍ଣନା ଉଲ୍ଲେଖ ରହିଛି । ହ. ଉମର୍ ର.ଅ କହିଲେ: ନିଃସନ୍ଦେହ ଅଲ୍ଲାଃତାଲା ତୁମକୁ ମୋ ମାଧ୍ୟମରେ ପରୀକ୍ଷା କରିଛନ୍ତି ଏବଂ ମୋତେ ତୁମମାନଙ୍କ ମାଧ୍ୟମରେ ପରୀକ୍ଷା କରିଛନ୍ତି । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତୁମର ଯେକୌଣସି ପ୍ରସଙ୍ଗ ମୋ ସମ୍ମୁଖରେ ଯଦି ଉପସ୍ଥାପିତ ହେବ, ମୋ ବ୍ୟତୀତ କେହି ବି ତାହାକୁ ଦେଖିପାରିବ ନାହିଁ ଏବଂ ମୋ ଠାରୁ ଯେଉଁ ପ୍ରସଙ୍ଗ ଦୂରବର୍ତ୍ତୀ ଥିବ ତେବେ ସେଥିପାଇଁ ମୁଁ ସୁଦକ୍ଷ ଏବଂ ସନ୍ତରକ୍ଷୀ ବ୍ୟକ୍ତିଙ୍କୁ ନିଯୁକ୍ତ କରିବି । ଆରବବାସୀଙ୍କର ଉଦାହରଣ ଖୁଣ୍ଟରେ ବନ୍ଧା ହୋଇଥିବା ଓଟ ପରି । ଯିଏ ନିଜ ମାଲିକ ପଛେ ପଛେ ଚାଲିଥାଏ । ଅତଏବ ତା'ର ମାଲିକ ପାଇଁ ଏହା ଉଦ୍ଦିଷ୍ଟ ଯେ, ସେ ନିଜକୁ ଦେଖୁ ଯେ, ସେ କିପରି ନିଜର ଓଟକୁ ଘଉଡ଼ାଉ ଅଛି ଏବଂ ଯେଉଁଠି ମୋର ସମ୍ବନ୍ଧ ରହିଛି ତେବେ ମୁଁ କାବାର ପରମେଶ୍ୱରଙ୍କ ଶପଥ କରି କହୁଛି ! ମୁଁ ସେମାନଙ୍କୁ ଅବଶ୍ୟ ସତ୍‌ମାର୍ଗରେ ପରିଚାଳିତ କରାଇବି ।

ହ. ଉମର୍ ର.ଅ ଖଲିଫା ନିର୍ବାଚିତ ହେବା ପରେ ତୃତୀୟ ଦିନ ଏକ ସବିଶେଷ ଉଦ୍‌ବୋଧନୀ ଦେଇଥିଲେ । ହ. ଉମର୍ ର.ଅ ସଳଖ ହୋଇ ଛିଡ଼ା ହେଲେ ଏବଂ ଅଲ୍ଲାଃତାଲାଙ୍କର ମହିମା ଗାନ କଲେ ଏବଂ ନବୀ କରୀମ୍ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କଲେ ଏବଂ କହିଲେ: ମୋତେ ଏହି ସୂଚନାଟି ପ୍ରାପ୍ତ ହୋଇଛି ଯେ, ଲୋକମାନେ ମୋର ଶୀଘ୍ର ଏବଂ କଠୋର ସ୍ୱଭାବ ଯୋଗୁଁ ଭୟଭୀତ ହେଉଛନ୍ତି । ମୁଁ ଆଁହଜରତ ସ.ଅଙ୍କ ମସୟରେ ଓ ହ. ଅବୁ ବକ୍କର୍ ର.ଅଙ୍କ ଖିଲଫାତ୍‌ରେ  ନିଃସନ୍ଦେହ ରୂପେ ଏକ ଉତ୍ତୋଳିତ ଖଣ୍ଡା ସଦୃଶ ଥିଲି । କାରଣ ରସୁଲୁଲ୍ଲାଃ ସ.ଅ ଯଦି ଚାଁହିବେ ତେବେ ସେ ମୋତେ ଖଣ୍ଡାର ଖୋଳ ଭିତରେ ପୁରାଇ ନେବେ କିମ୍ବା ମୋତେ ଯଦି ଫୁଙ୍ଗୁଳା କରି ଛାଡ଼ିଦେବେ ତାହାହେଲେ ମୁଁ ସେମାନଙ୍କୁ କାଟିଦେବି । ଏହାପରେ ଯେତେବେଳେ ଲୋକମାନଙ୍କର ଖଲିଫା ତଥା ବିଚାରକ ହ. ଅବୁ ବକ୍କର୍ ର.ଅ ହେଲେ ସେତେବେଳେ ସେ ଏଭଳି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ ଯେ, ଯାହାଙ୍କ ବିନମ୍ର ହୃଦୟ, ଦୟା, କ୍ଷମା ତଥା ଶାନ୍ତ ସ୍ୱଭାବ ସଂପର୍କରେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏହାକୁ ଅସ୍ୱୀକାର କରିପାରିବ ନାହିଁ । ଏହାପରେ ମୁଁ ତୁମମାନଙ୍କ ପ୍ରସଙ୍ଗର ଶାସକ ହୋଇଯାଇଛି । ବର୍ତ୍ତମାନ ତୁମେମାନେ ଏହା ଭାବିନିଅ ଯେ, ସେହି ଶୀଘ୍ରତାକୁ ବର୍ତ୍ତମାନ କୋହଳ କରି ଦିଆଯାଇଛି । କିନ୍ତୁ ମୁସଲମାନମାନଙ୍କ ଉପରେ ଯେଉଁମାନେ ଅନ୍ୟାୟ ଓ ଅତ୍ୟାଚାର କରିବେ ସେମାନଙ୍କ ଉପରେ ମୋର ଶୀଘ୍ରତା ଏବଂ କଠୋରତା ପ୍ରକଟିତ ହେବ। ମୋର ତୁମମାନଙ୍କ ଉପରେ ଆଉ ସେପରି କଠୋରତା ପ୍ରକଟିତ ହେବା ନାହିଁ ଯେପରି ପୂର୍ବେ ପ୍ରକଟିତ ହେଉଥିଲା । କିନ୍ତୁ ଶତ୍ରୁମାନଙ୍କ ଉପରେ ମୋର କ୍ରୋଧ ଏବଂ କଠୋରତା ସର୍ବଦା ପ୍ରକଟିତ ହେବ । ଅବଶିଷ୍ଟ

ରହିଗଲେ ସେହି ଲୋକ ଯେଉଁମାନେ ପୁଣ୍ୟ, ଧାର୍ମିକ ଓ ଚରିତ୍ରବାନ ବ୍ୟକ୍ତି, ଯେଉଁମାନେ ପରସ୍ପର ପ୍ରତି ଦୟା ଓ କ୍ଷମା ଆଚରଣ ଭାବ ପ୍ରଦର୍ଶନ କରନ୍ତି ମୁଁ ସେମାନଙ୍କ ସହିତ ଏହାଠୁ ବି ଅଧିକ କୋହଳତା ଏବଂ ବିନମ୍ରତା ପ୍ରଦର୍ଶନ କରିବି । ତୁମମାନଙ୍କ ଉପରେ ଯାହାକିଛି ଖର୍ଚ୍ଚ କରିବି ସେହି ବସ୍ତୁ ମଧ୍ୟରୁ ମୁଁ ତୁମ ଠାରୁ କାଣିଚାଏ ଲୁଚାଇ ରଖିବି ନାହିଁ ଓ ନା ହିଁ ତନ୍ମଧ୍ୟରୁ ଅର୍ଥାତ ମାଲେ ଗନିମତରୁ ଯାହାକୁ ମୁଁ ତୁମମାନଙ୍କ ପାଇଁ ପ୍ରେରଣ କରିଛି, ସେଥିରୁ ମଧ୍ୟ ମୁଁ ଅଲ୍ଲାଃତାଲାଙ୍କ ଏକ ଅଂଶ ବ୍ୟତୀତ କାଣିଚାଏ ମଧ୍ୟ ରୋକି ରଖିବି ନାହିଁ । ତୁମମାନଙ୍କର ମୋ ଉପରେ ଏହି ଅଧିକାର ରହିଛି ଯେ, ମୁଁ ତୁମମାନଙ୍କର ଭତ୍ତା ଓ ଦୈନିକ ପ୍ରାପ୍ୟ ତୁମେମାନଙ୍କୁ ଦେଉଥିବି । ତୁମମାନଙ୍କର ମୋ ଉପରେ ଏହି ଅଧିକାର ରହିଛି ଯେ, ମୁଁ ଯେପରି ତୁମମାନଙ୍କୁ ବିନାଶର ସ୍ଥାନରେ ନିକ୍ଷେପ ନକରେ ଏବଂ ଯେତେବେଳେ ତୁମେମାନେ ସୈନ୍ୟଦଳରେ ସାମିଲ୍ ହୋଇ ଘରୁ ଅନୁପସ୍ଥିତ ରହିବ ସେତେବେଳେ ମୁଁ ତୁମ ପରିବାର ତଥା ସନ୍ତାନ ସନ୍ତତିଙ୍କର ଅଭିଭାବକ ହେବି । ଏପର୍ଯ୍ୟନ୍ତକି ତୁମେମାନେ ଯୁଦ୍ଧରୁ ଫେରି ନଆସିଛ ।

ହ. ଉମର୍ ର.ଅଙ୍କ ଖିଲାଫତ୍ ଶାସନର ଚର୍ଚ୍ଚା କରି ହ. ମୁସ୍ଲେହ୍ ମଉଦ୍ ର.ଅ କହନ୍ତି ଯେ, ଇଉରୋପୀୟ ପ୍ରାବନ୍ଧିକ ଓ ସମାଲୋଚକ ଯେଉଁମାନେ ଦିବାରାତ୍ର ଆଁହଜରତ ସ.ଅଙ୍କ ଜୀବନୀ ଉପରେ କ୍ରମାଗତ ଭାବରେ ଆପତ୍ତି କରନ୍ତି ସେମାନେ ଆଁହଜରତ ସ.ଅଙ୍କ ସଂପର୍କରେ ନିଜ ପୁସ୍ତକରେ ନିର୍ଲଜତାର ସହିତ ଏହା ଉଲ୍ଲେଖ କରନ୍ତି ଯେ, **ନାଉଜୁ ବିଲ୍ଲାଃ** (ଅଲ୍ଲାଃତାଲାଙ୍କ ଆଶ୍ରୟ ଭିକ୍ଷା କରେ) ଆଁହଜରତ ସ.ଅ ବିଶ୍ୱସ୍ତତା ଅବଲମ୍ବନ କରି ନାହାନ୍ତି । ସେମାନେ ମଧ୍ୟ ହ. ଅବୁ ବକ୍କର୍ ର.ଅଙ୍କ ଚର୍ଚ୍ଚା ଉପରେ ଏହା ସ୍ୱୀକାର କରି ଆଉ ରହି ପାରନ୍ତି ନାହିଁ ଯେ, ଯେଉଁ ଅକ୍ଳାନ୍ତ ପରିଶ୍ରମ ଓ ବଳିଦାନର ସହିତ ସେହି ଲୋକମାନେ କାର୍ଯ୍ୟ କଲେ ଯାହାର ଦୃଷ୍ଟାନ୍ତ ଓ ଏଭଳି ପରିଶ୍ରମର ଆଦର୍ଶ ଆଜି ପର୍ଯ୍ୟନ୍ତ କୌଣସି ସାଂସାରିକ ଶାସକମାନଙ୍କ ଠାରୁ ଦେଖିବାକୁ ମିଳି ନାହିଁ ।

ହ. ମୁସ୍ଲେହ୍ ମଉଦ୍ ର.ଅ ଏହା ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ଆଁହଜରତ ସ.ଅଙ୍କ ଦାସତ୍ୱ ଯୋଗୁଁ ଏବଂ ଆଁହଜରତ ସ.ଅଙ୍କ ସଂସ୍କାର ଯୋଗୁଁ ହିଁ ହ. ଉମର୍ ର.ଅଙ୍କ ଠାରେ ନ୍ୟାୟ ପକ୍ଷ ରହିଥିଲା ଏବଂ ସେ ବିଚାର ବେଳେ ନିରପେକ୍ଷ ବିଚାର କରୁଥିଲେ ଏବଂ ବିଚାର ସମୟରେ ସେ ଅଲ୍ଲାଃତାଲାଙ୍କୁ ହିଁ ଭୟ କରୁଥିଲେ । ହ. ଉମର୍ ର.ଅଙ୍କ କାର୍ଯ୍ୟ ସଂପର୍କରେ ଏହି ଇଉରୋପୀୟ ପ୍ରାବନ୍ଧିକ ଓ ସମାଲୋଚକମାନେ ଭୂରି ଭୂରି ପ୍ରଶଂସା କରିଛନ୍ତି । ହ. ଉମର୍ ର.ଅଙ୍କ ଭଳି ବ୍ୟକ୍ତି ଯିଏ ସର୍ବଦା ଆଁହଜରତ ସ.ଅଙ୍କ ସାହଚର୍ଯ୍ୟାରେ ରହୁଥିଲେ, ସେ ମୃତ୍ୟୁ ସମୟରେ ଉତ୍କଣ୍ଠିତ ସ୍ୱରରେ ଏହା କହୁଥିଲେ ଯେ, ମୋତେ ଆଁହଜରତ ସ.ଅଙ୍କ ପାଦରେ ଟିକେ ସ୍ଥାନ ମିଳିଯାଉ । ଆଁହଜରତ ସ.ଅଙ୍କ କୌଣସି ଆଚରଣରୁ ଯଦି ଏହା ପ୍ରକାଶିତ ହୁଅନ୍ତା ଯେ, ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ କାର୍ଯ୍ୟ କରୁ ନଥିଲେ । ତେବେ କ'ଣ ହ. ଉମର୍ ର.ଅଙ୍କ ଭଳି ବ୍ୟକ୍ତି ଏହି ସ୍ତର ପର୍ଯ୍ୟନ୍ତ ପହଞ୍ଚି କେବେ ଏହି ଅଭିଳାଷାଟି କରି ଥାଆନ୍ତା ? ଯେ, ମୋତେ ଆଁହଜରତ ସ.ଅଙ୍କ ପାଦ ତଳେ ଟିକେ ସ୍ଥାନ ମିଳିଯାଉ ? କଦାପି ନୁହଁ ।

ହ. ଉମର୍ ର.ଅଙ୍କ ଆଁହଜରତ ସ.ଅଙ୍କ ପରିବାର ପ୍ରତି ନିଷ୍ଠାପୂର୍ଣ୍ଣ ସହାନୁଭୂତି, ସମବେଦନା ଏବଂ ଆନ୍ତରିକତାର ପରିପ୍ରକାଶ କିଭଳି ଥିଲା, ସେ ସଂପର୍କରେ ହ. ମୁସ୍ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଆଏଶା ର.ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁସଲ୍ କରୀମ୍ ସ.ଅଙ୍କ ବିୟୋଗ ପରେ ଜୀବିତ ରହିଥିଲେ । ହ. ଉମର୍ ର.ଅଙ୍କ ଶାସନରେ ଯେତେବେଳେ ଇରାନ୍ ବିଜୟ ହେଲା ସେତେବେଳେ ସେଠାରେ ଅଟା ପେଷିବା ପାଇଁ ବ୍ୟବହୃତ ହେଉଥିବା ବାୟୁ ଚାଳିତ ଯନ୍ତ୍ର ଅଣାଗଲା । ହ. ଉମର୍ ର.ଅ ଏହି ଆଦେଶ ଦେଲେ କି ପ୍ରଥମ ପେଷା ହୋଇଥିବା ସୂକ୍ଷ୍ମ ଗୁଣ୍ଡ ଅଟା ହ. ଆଏଶା ର.ଅଙ୍କ ସେବାରେ ଉପହାର ସ୍ୱରୂପ ପ୍ରେରଣ କରାଯାଉ । ଏଠାରେ ହ. ଆଏଶା ର.ଅଙ୍କ ଆଁହଜରତ ସ.ଅଙ୍କ ସହିତ ପ୍ରେମ ଓ ଭାବପ୍ରିତୀର କାହାଣୀ ଆରମ୍ଭ ହୁଏ ଏବଂ ଆଁହଜରତ ସ.ଅଙ୍କ ପ୍ରତି ଆପଣ ର.ଅଙ୍କ କ'ଣ ଭାବାବେଗ ରହିଥିଲା ତାହାର ଚର୍ଚ୍ଚା କରୁଛନ୍ତି ଯେ, ହ. ଆଏଶା ର.ଅ ଉକ୍ତ ବେଲୁନ୍ ପରି ଫୁଲିଥିବା ରୁଟି ମଧ୍ୟରୁ ଗୋଟିଏ ଟୁକୁଡ଼ା ପାଟିକୁ ନେଲେ । କିନ୍ତୁ ଯେମିତି ହ. ଆଏଶା ର.ଅଙ୍କ ପାଟିରେ ସେହି ରୁଟିର ଟୁକୁଡ଼ାଟି ପ୍ରବେଶ କଲା ସେତେବେଳେ ତାହା ଏପରି ପ୍ରତିତ ହେଲା ଯେପରି କେହି ଜଣେ ତାଙ୍କ ତଣ୍ଟିକୁ ରୁଦ୍ଧ କରିଦେଇଛି । ସେହି ଟୁକଡ଼ାଟି ତାଙ୍କ ପାଟିରେ ହିଁ ପଡ଼ି ରହିଲା ଏବଂ ଆଖିରୁ ନିରବଚ୍ଛିନ୍ନ ଭାବରେ ଲୁହର ଧାର ବହିବାକୁ ଲାଗିଲା ।

ଯାହାଙ୍କ ମାଧ୍ୟମରେ ଆମକୁ ଆଜି ଏହି ପୁରସ୍କାରଟି ପ୍ରାପ୍ତ ହୋଇଛି ସେ ତ' ଏହି ପୁରସ୍କାରରୁ ବଞ୍ଚିତ ହୋଇ ଇହଧାମ ତ୍ୟାଗ କରି ଚାଲିଗଲେ । କିନ୍ତୁ ଆମମାନଙ୍କୁ ଯାହାଙ୍କ ମାଧ୍ୟମରେ ଏହି ସମ୍ମାନ ଓ ଯଶ ପ୍ରାପ୍ତ ହୋଇଅଛି, ଆମେମାନେ ସେଥିରୁ ଉପକୃତ ହେଉଅଛେ ।

ହ. ଉମର୍ ବିନ୍ ଖତ୍ତାବ୍ ର.ଅ ହ. ଇମାମ୍ ହସନ୍ ଏବଂ ହୁସୈନ୍‌ଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କୁ ଓଟ ଏବଂ ଘୋଡ଼ା ଉପରେ ଆରୋହଣ କରୁଥିଲେ ଏବଂ ସେହି ଦୁହିଁଙ୍କୁ ଭେଟି ମଧ୍ୟ ପ୍ରଦାନ କରୁଥିଲେ, ଯେପରି ସେ ଇମାମ୍ ଦ୍ୱୟଙ୍କ ପିତାଙ୍କୁ ଭେଟି ତଥା ଉପହାର ପ୍ରଦାନ କରୁଥିଲେ (ଅର୍ଥାତ ହ. ଅଲୀଙ୍କୁ ଯେପରି ଉପହାର ଦେଉଥିଲେ) । ହ. ଉମର୍ ର.ଅ ଯେତେବେଳେ ଏହି ଇଚ୍ଛା ପ୍ରକାଶ କଲେ ଯେ, ସେ ଲୋକମାନଙ୍କ ସକାଶେ ଖଲିଫା ନିଯୁକ୍ତ କରିଦେବେ ଏବଂ ଆପଣ ର.ଅଙ୍କ ମନ୍ତବ୍ୟ ସମସ୍ତ ଲୋକଙ୍କର ମନ୍ତବ୍ୟ ଠାରୁ ଅଧିକ ଶ୍ରେୟସ୍କର ଥିଲା । ଲୋକମାନେ କହିଲେ ଯେ, ଆପଣ ନିଜ ତରଫରୁ ପ୍ରଥମେ ଆରମ୍ଭ କରନ୍ତୁ । ହ. ଉମର୍ ର.ଅ କହିଲେ ନା । ଅତଏବ ଆପଣ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସମସ୍ତ କୁରୈଶୀୟ ପରିଜନମାନଙ୍କ ଠାରୁ ପ୍ରାର୍ଥୀ ଚୟନ କରିବା ଆରମ୍ଭ କଲେ । ଆପଣ ର.ଅ ପ୍ରଥମେ ହ. ଅବ୍‌ବାସ୍ ଓ ପରେ ହ. ଅଲୀ ର.ଅଙ୍କ ନାମ ସ୍ଥିର କଲେ । ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା ହେବ ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଯନାଜାଃ ସଂପର୍କରେ ମଧ୍ୟ ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ ଜୁମା ପରେ ମୁଁ ସେମାନଙ୍କ ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢାଇବି । ତନ୍ମଧ୍ୟରୁ ପ୍ରଥମ ମୃତକା ହେଲେ ସ୍ୱର୍ଗତା ସୁହୈଲା ମେହବୁବ ସାହେବାଙ୍କର । ସ୍ୱର୍ଗତା ସୁହୈଲା ସାହେବା ସ୍ୱର୍ଗତ ଫୈଜ୍ ଅହେମଦ ସାହେବ ଗୁଜରାତି ଦର୍‌ୱେଶ୍ ନାଜିର୍ ବୈତୁଲ୍ ମାଲ୍‌ଙ୍କର ପତ୍ନୀ ଥିଲେ । ସ୍ୱର୍ଗତାଙ୍କ ୯୧ ବର୍ଷ ବୟସରେ ମୃତ୍ୟୁ ହୋଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଓସିୟତ୍ କରିଥିଲେ । ସ୍ୱର୍ଗତାଙ୍କର ସଂପର୍କ ବିହାରର ଏକ ଶିକ୍ଷିତ ସଭ୍ୟ ପରିବାର ସହିତ ରହିଥିଲା । ତାଙ୍କ ପିତା ଅହେମଦି ନଥିଲେ କିନ୍ତୁ ତାଙ୍କ ମାତା ନିଜ ପିତାଙ୍କ ବୈଅତ୍ ପରେ ସ୍ୱୟଂ ଅଧ୍ୟୟନ କରି ଜମାଅତ୍‌ରେ ସାମିଲ୍ ହୋଇଥିଲେ । ସେ ଯାହା ହେଉ ନା କାହିଁକି ସେ ନିଜ ଜୀବନକୁ ଧର୍ମ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ । ଏଥିପାଇଁ ସେ, ତତ୍କାଳୀନ ନାଜିର୍ ଖିଦ୍‌ମତ୍ ଦର୍‌ୱେଶାନ୍ ହ. ମିର୍ଜା ବଶୀର୍ ଅହେମଦ ସାହବଙ୍କ ନିକଟକୁ ୱକ୍‌ଫ୍ ପାଇଁ ପତ୍ର ଲେଖିଥିଲେ । ଉତ୍ତରରେ ନାଜିର ଖିଦ୍‌ମତ୍ ଦର୍‌ୱେଶାନ୍ ସାହେବ ତାଙ୍କୁ ଲେଖିଲେ ଯେ, ଆପଣଙ୍କ ୱକ୍‌ଫ୍ ବିଷୟରେ ମୋତେ ଜ୍ଞାତ ହୋଇଅଛି ଏବଂ ଆପଣଙ୍କର ଏହି ପଦକ୍ଷେପଟି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଅର୍ଥାତ ଉତ୍ତମ ଅଟେ । ୱକ୍‌ଫ୍ ଅନୁଯାୟୀ ଆପଣଙ୍କର ପ୍ରଥମ କର୍ତ୍ତବ୍ୟ ଏହା ହେବ କି ଆପଣ ପ୍ରଥମେ ଧାର୍ମିକ ଶିକ୍ଷା ଆହରଣ କରନ୍ତୁ ଏବଂ ନିଜର କର୍ମକୁ ଇସ୍‌ଲାମ୍ ଓ ଅହେମଦିୟତ୍ ଅନୁଯାୟୀ ଗଢି ତୋଳନ୍ତୁ । କାରଣ ଏପରି କରିବା ଦ୍ୱାରା ଆପଣ ଅନ୍ୟମାନଙ୍କ ଆଗରେ ଏକ ଉତ୍କୃଷ୍ଟ ଉଦାହରଣ ସ୍ଥାପିତ କରିବେ । ସୁତରାଂ ୧୯୬୪ ମସିହାରରେ ସେ ନିଜକୁ ୱକ୍‌ଫ୍ କଲେ ଏବଂ ସ୍ୱର୍ଗତାଙ୍କ ବିବାହ ଚୌଧୁରୀ ଅବ୍‌ଦୁଲ୍ଲାଃ ଦର୍‌ୱେଶ୍ ସାହେବଙ୍କ ସହିତ ହୋଇଥିଲା । ତାଙ୍କର ଔରସରୁ ଏକ କନ୍ୟା ଜାତ ହୋଇଥିଲା । କିନ୍ତୁ କିଛି ସମୟ ପରେ ତାଙ୍କ ପ୍ରଥମ ସ୍ୱାମୀଙ୍କ ବିବାହ ବିଚ୍ଛେଦ ଘଟିଲା । ଏହାପରେ ସ୍ୱର୍ଗତାଙ୍କ ଦ୍ୱିତୀୟ ବିବାହ ସ୍ୱର୍ଗତ ଫୈଜ୍ ଅହେମଦ ଗୁଜୁରାତି ଦର୍‌ୱେଶ୍ ସାହେବଙ୍କ ସହିତ ହୋଇଥିଲା । ଫୈଜ ସାହେବଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଲାଭ ହୋଇଥିଲା । କିନ୍ତୁ ଶୈଶବାବସ୍ଥାରେ ହିଁ ତା'ର ଅକାଳ ବିୟୋଗ ଘଟିଥିଲା । ସେ ଯାହା ହେଉ ନା କାହିଁକି ସ୍ୱର୍ଗତା ଅବସର ଗ୍ରହଣ

କରିବା ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ କାଦିୟାନ୍ ସ୍ଥିତ ନୁସ୍ରତ୍ ଉଚ୍ଚ ବାଳିକା ବିଦ୍ୟାଳୟରେ ହେଡ଼ମିଷ୍ଟ୍ରେସ୍ (ପ୍ରଧାନଧ୍ୟାପିକା) ଭାବରେ ସେବା କରିବାକୁ ସୌଭାଗ୍ୟ ଲାଭ କରିଥିଲେ ।

ପରବର୍ତ୍ତୀ ଯନାଜାଃ ହେଉଛି କାଦିୟାନ୍‌ର ନିର୍ମାଣ ବିଭାଗର ସୁପର୍‌ଭାଇଜର ସମ୍ମାନନୀୟ ସ୍ୱର୍ଗତ ଶେଖ୍ ମୁବଶ୍ଶିର ଅହେମଦ ସାହେବଙ୍କର । ସେ ଭାରତର ଓଡ଼ିଶା ପ୍ରଦେଶସ୍ଥ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କେରଙ୍ଗ ଗ୍ରାମର ଅଧିବାସୀ, ଶେଖ୍ ଇସ୍ରାର୍ ଅହେମଦ୍ ସାହେବଙ୍କର ସୁପୁତ୍ର ଥିଲେ । ତାଙ୍କର ମଧ୍ୟ ବିଗତ ଦିନ କରୋନା ରୋଗ ଯୋଗୁଁ ୩୩ ବର୍ଷ ବୟସରେ ଅକାଳ ମୃତ୍ୟୁ ଘଟିଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ସ୍ୱର୍ଗତ ଆବାଲ୍ୟ ଅହେମଦି ଥିଲେ। ତାଙ୍କର ପରିବାର ପୁରାତନ ଅହେମଦି ବଂଶୀୟ ଅଟେ । ସେ ଅତ୍ୟନ୍ତ ସଭ୍ୟ ଚରିତ୍ରବତ୍ତା ଏବଂ ନମାଜ ପାଠକାରୀ ତଥା ଧର୍ମସେବା ପାଇଁ ସର୍ବଦା ତତ୍ପରତା ପ୍ରକାଶ କରୁଥିବା ଜଣେ ଯୁବ ସ୍ୱେଚ୍ଛାସେବୀ ଥିଲେ। ପିଲାଟି ଦିନୁ ହିଁ ମସ୍‌ଜିଦ୍ ସହିତ ତାଙ୍କର ନିବିଡ଼ ସଂପର୍କ ରହିଥିଲା । ଦୀର୍ଘ ଆଠ ବର୍ଷ ଧରି ସ୍ୱର୍ଗତ କାଦିୟାନ୍‌ର ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) ବିଭାଗ ଅଧୀନରେ ଅତ୍ୟନ୍ତ ସଦ୍‌ବ୍ୟବହାରର ସହିତ ସୁପର୍‌ଭାଇଜର ରୂପେ ସେବା କରି ଆସୁଥିଲେ । ସେ ଅତ୍ୟନ୍ତ ଗମ୍ଭୀରତାର ସହକାରେ କାର୍ଯ୍ୟ କରୁଥିଲେ । ସେ କାର୍ଯ୍ୟର ଗହ୍ୱରତା ମଧ୍ୟକୁ ଯାଇ କାର୍ଯ୍ୟକୁ ଅନୁଧ୍ୟାନ କରୁଥିଲେ । ମୃତକଙ୍କ ପରିବାରରେ ବିଧବା ପତ୍ନୀଙ୍କ ବ୍ୟତୀତ ଅଭିଭାବକ ଏବଂ ଦୁଇ ଭାଇ ଓ ଜଣେ ଭଉଣୀ ସାମିଲ ଅଛନ୍ତି ।

ଏହି ମୃତକମାନଙ୍କ ବ୍ୟତୀତ ହୁଜୁର ଅନୱର ଅ.ବ ନିମ୍ନଲିଖିତ ମୃତକମାନଙ୍କ ସୁଗୁଣାବଳୀର ଚର୍ଚ୍ଚା କଲେ, ସେମାନେ ହେଲେ- ସମ୍ମାନନୀୟ ସ୍ୱର୍ଗତ ରାଜା ଖୁର୍ଶିଦ୍ ଅହେମଦ ମୁନୀର୍ ସାହବ ମୁବଲ୍ଲିଗ୍ ସିଲସିଲା । ସମ୍ମାନନୀୟା ସ୍ୱର୍ଗତା ଜମିର୍ ଅହେମଦ୍ ନଦିମା ସାହେବ । ତାନ୍‌ଜାନିୟାର ସମ୍ମାନନୀୟ ସ୍ୱର୍ଗତ ଇସା ମୁକି ତଲିମା ସାହେବ । ଅଷ୍ଟ୍ରେଲିୟାର ସମ୍ମାନନୀୟ ସ୍ୱର୍ଗତ ସୈଫ୍ ଅଲୀ ଶାହ୍ ସାହେବ । ସମ୍ମାନନୀୟ ସ୍ୱର୍ଗତ ମସ୍‌ଉଦ୍ ଅହେମଦ ହୟାତ୍ ସାହେବ । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a

18th June 2021